# ଦଳ ଓ ସରକାର

୦୭/୦୪/୧୯୮୯

ଆମ ସଂସଦୀୟ ଗଣତନ୍ତ୍ରରେ ସରକାର ଓ ଦଳ ମଧ୍ୟରେ କି ସମ୍ପର୍କ ରହିବା କଥା, ସେ ବିଷୟରେ ଆମ ସମ୍ବିଧାନରେ ନିର୍ଦ୍ଦିଷ୍ଟ ଭାବେ କିଛି ଉଲ୍ଲେଖ କରାଯାଇ ନଥିଲେ ମଧ୍ୟ ଏ ସମ୍ପର୍କରେ ଏକ ସୁସ୍ଥ ପରମ୍ପରା ଯେ ଏକାନ୍ତ ଆବଶ୍ୟକ ଓ ବାଞ୍ଛନୀୟ, ଏହା ସମସ୍ତେ ସ୍ୱୀକାର କରିବେ । ଅତୀତରେ ଏ ବିଷୟରେ ଆମେ ଦୃଷ୍ଟି ଆକର୍ଷଣ କରିଥିଲୁ । କିନ୍ତୁ ଆମ ସରକାର ଏବଂ ସରକାରୀ ଦଳ ଏହା ବୁଝିପାରିଥିଲା ପରି ମନେ ହେଉନାହିଁ । ବସ୍ତୁତଃ, ସରକାର ଏବଂ ଦଳର ସମ୍ପର୍କକୁ ନେଇ ଯେଉଁ ମତଭେଦ ଆଜି ଦେଖାଦେଇଛି, ତାହା ଆମ ପରି ସଂସଦୀୟ ବ୍ୟବସ୍ଥାରେ କେତେକାଂଶରେ ଅନିବାର୍ଯ୍ୟ । ବ୍ରିଟିଶ ପାର୍ଲାମେଣ୍ଟାରୀ ବ୍ୟବସ୍ଥାରେ ମଧ୍ୟ ଏପ୍ରକାର ମତଭେଦ ଅତୀତରେ ଦେଖା ଦେଇଥିଲା । ଯୁଦ୍ଧୋତ୍ତର ଶ୍ରମିକ ସରକାରର ପ୍ରଧାନମନ୍ତ୍ରୀ ଅଟ୍‌ଲି ଓ ଶ୍ରମିକ ଦଳର ତତ୍‌କାଳୀନ ମୁଖ୍ୟ ପ୍ରଫେସର ଲାସ୍କିଙ୍କ ମଧ୍ୟରେ ନିଜ ନିଜର ଅଧିକାର ଏବଂ ଭୂମିକାକୁ ନେଇ ଯେଉଁ ତିକ୍ତତା ଏବଂ ଅଚଳାବସ୍ଥା ସୃଷ୍ଟି ହୋଇଥିଲା, ସେଥିରେ ପ୍ରଧାନମନ୍ତ୍ରୀଙ୍କ ଭୂମିକାକୁ ହିଁ ପରିଶେଷରେ ପ୍ରାଧାନ୍ୟ ଦିଆଯାଇଥିଲା । ସେହିପରି ଆମ ବ୍ୟବସ୍ଥାରେ ମଧ୍ୟ ଅତୀତରେ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁ ଏବଂ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଟଣ୍ଡନଙ୍କ ମଧ୍ୟରେ ଯେଉଁ ମତଭେଦ ମଝିରେ ମଝିରେ ଦେଖା ଦେଇଥିଲା, ତା'ର ସମାଧାନ ପ୍ରଧାନମନ୍ତ୍ରୀଙ୍କୁ ଅଗ୍ରାଧିକାର ଦେଇ କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ଏବଂ ଭୂମିକାକୁ ଏବେ ପ୍ରାୟ ସମସ୍ତେ ସ୍ୱୀକାର କଲେଣି । ଦଳ ଏବଂ ସରକାର ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ବା ମୁକାବିଲାମୂଳକ ମନୋଭାବର ଆଉ ଅବକାଶ ଅଛି ବୋଲି କେହି ଭାବୁ ନାହାନ୍ତି । ସେଥିପାଇଁ ଇଂଲଣ୍ଡର ସଂସଦୀୟ ବ୍ୟବସ୍ଥାକୁ ବର୍ତ୍ତମାନ 'ପ୍ରଧାନମନ୍ତ୍ରୀୟ ବ୍ୟବସ୍ଥା' ବୋଲି ମଧ୍ୟ କହିବା ପାଇଁ ଆଉ କେହି ସଙ୍କୋଚ କରୁ ନାହାନ୍ତି । ଆମ ଭାରତରେ ଏବେ ପ୍ରଧାନମନ୍ତ୍ରୀଙ୍କୁ ଦଳର ସଭାପତି କରିଦେବା ଦ୍ୱାରା ଏ ପ୍ରକାର ବିବାଦର ଆଉ କୌଣସି ଅବକାଶ ମଧ୍ୟ ନାହିଁ । କାରଣ, ଦଳର ମୁଖ୍ୟ ଯିଏ, ସରକାରର ମୁଖ୍ୟ ମଧ୍ୟ ସିଏ । ଜାତୀୟ ସ୍ତରରେ ଯାହା ସମ୍ଭବ ହୋଇପାରିଛି, ରାଜ୍ୟସ୍ତରରେ ତାହା ହୋଇପାରୁଛି ବୋଲି କହିହେବ ନାହିଁ । **'One man one post'** ନୀତି କଥା କୁହାଯାଉଛି ସିନା ; କିନ୍ତୁ ଦେଖାଯାଉଛି ବହୁକ୍ଷେତ୍ରରେ ଏହାର ଆନୌପଚାରିକ ବ୍ୟତିକ୍ରମ ଘଟୁଛି ଏବଂ ଆଧୁନିକ ରାଜନୀତି ପରିପ୍ରେକ୍ଷୀରେ ଏ ପ୍ରକାର ବ୍ୟତିକ୍ରମ ଯେମିତି ଅପରିହାର୍ଯ୍ୟ ହୋଇପଡ଼ିଛି ।

ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଏବଂ ଦଳ ଭିତରେ ନିର୍ଦ୍ଦିଷ୍ଟ ବିଭାଜନରେଖା ଟାଣିବା ସବୁବେଳେ ସହଜ ନୁହେଁ । ଗୋଟିଏ ଗଣଭିତ୍ତିକ ଦଳ ଏବଂ ଲୋକାଭିମୁଖୀ ସରକାର ନିଶ୍ଚିତ ଭାବରେ ଏ ବିଭାଜନରେଖାକୁ ମାନିବା ପାଇଁ ପ୍ରସ୍ତୁତ ହେବେନାହିଁ । ସ୍ଥାନ-କାଳ-ପାତ୍ର ଓ ରାଜନୈତିକ ସାର୍ଥକୁ ଦୃଷ୍ଟିରେ ରଖି ଏ ବିଭାଜନ ରେଖା କେତେବେଳେ

## ଆମ ଘରର ହାଲଚାଲ୍

**ସୌମ୍ୟରଂଜନ ପଟ୍ଟନାୟକ**

ମୋଟା ହେବ ତ କେତେବେଳେ ପତଳା ; ପୁଣି କେତେବେଳେ ସିଧା ହେବ ତ ଆଉ କେତେବେଳେ ବଙ୍କା ।

ବିଭାଜନରେଖା ଟାଣିବା ସହଜ ନୁହେଁ ବୋଲି ଯେ ଆମେ ଏହା ଟାଣିବା ପାଇଁ ଚେଷ୍ଟା କରିବା ନାହିଁ, ତାହା ଆଦୌ ଗ୍ରହଣୀୟ କିମ୍ବା ସ୍ପୃହଣୀୟ ନୁହେଁ । ନିକଟ ଅତୀତରେ ଆମ ଓଡ଼ିଶା ସରକାର ଏବଂ କଂଗ୍ରେସ ଦଳର ସଭାପତି ଶ୍ରୀଯୁକ୍ତଲେଙ୍କାଙ୍କର ଆଚରଣ ଏ ଦୃଷ୍ଟିରୁ ଆଦୌ ଗ୍ରହଣୀୟ ହେଉନାହିଁ । ମଧୁବାବୁଙ୍କର ଜୟନ୍ତୀ ସରକାର ପାଳନ କଲେ । ସରକାରଙ୍କର ଏ ଉତ୍ସବଟିକୁ ଏକାକୀ ପାଳନ କରିବା ପାଇଁ ସାହସ ଓ ଆତ୍ମବିଶ୍ୱାସ ବୋଧହୁଏ ହେଲାନାହିଁ, ଯେଉଁଥିପାଇଁ ଆଉ ଗୋଟିଏ ସହଯୋଗୀ ସଂସ୍ଥାର ସାହାଯ୍ୟ ନେବାକୁ ପଡ଼ିଲା ଏବଂ ଜାହ୍ନବୀବାବୁଙ୍କର ଆତିଥ୍ୟ ଗ୍ରହଣ କରିବାକୁ ପଡ଼ିଲା । ଆମର କାହିଁକି ସନ୍ଦେହ ହେଉଛି, ସରକାରୀ ଉତ୍ସବରେ କଂଗ୍ରେସ ଦଳର ସଭାପତିଙ୍କୁ ସାମିଲ କରିବା ପାଇଁ ଏହା ଏକ ବାହାନାମାତ୍ର ! ଯଦି କାହ୍ନୁବାବୁଙ୍କୁ ଜଣେ ଏମ୍.ପି. ଭାବରେ ଡକାଯାଇଥିଲା, ତା'ହେଲେ ବିରୋଧୀ ଦଳର ଅନ୍ୟଜଣେ ବରିଷ୍ଠ ପ୍ରତିନିଧିଙ୍କୁ ସେ ସଭାକୁ ଡକାଯାଇଥିଲେ ଅଧିକ ସୁନ୍ଦର ହୋଇଥାନ୍ତା । ବିରୋଧୀ ଦଳର ନେତାଙ୍କୁ ଏ ଉତ୍ସବକୁ ଡକାଯାଇଥିଲା କି ନାହିଁ ତାହା ଆମେ ଜାଣୁନା । ତେବେ ଆମ ବିରୋଧୀ ଦଳର ନେତାଙ୍କର ଏ ପ୍ରକାର ଜାତୀୟ ଉତ୍ସବକୁ ଦଳୀୟ ଉତ୍ସବ ମନେକରି ହେୟଜ୍ଞାନ କରିବାର ଅଭ୍ୟାସ ରହିଛି । ଯଦି ଏ କ୍ଷେତ୍ରରେ ତାଙ୍କୁ ନିମନ୍ତ୍ରଣ କରାଯାଇଥିବ ଏବଂ ସେ ଏହାକୁ ସ୍ୱୀକାର କରି ନଥିବେ, ତାହେଲେ ତାହା ମଧ୍ୟ ଶୋଭନୀୟ ନୁହେଁ ବୋଲି କହିବାକୁ ହେବ । କାରଣ, ମଧୁବାବୁ କଂଗ୍ରେସ ଦଳର ନଥିଲେ କି ଜନତା ଦଳର । ମଧୁ ବାବୁଙ୍କର ଆଦର୍ଶ ଉପରେ କୌଣସି ଦଳ ବା ବ୍ୟକ୍ତିର ଏକଚାଟିଆ ଅଧିକାର ଅଛି ବୋଲି ମଧ୍ୟ କହିହେବ ନାହିଁ । ସେ ଥିଲେ ଆମ ଓଡ଼ିଆ କୁଳର କୁଳବୃଦ୍ଧ ।

ସେହିପରି ସରକାର ମହାସମାରୋହରେ ପୁଣ ଥରେ 'କୃଷକ ସମାବେଶ'ର ଆୟୋଜନ କଲେ । ଆମର ଅଗଣିତ ଚାଷୀ ଭାଇ, ଭଉଣୀମାନଙ୍କୁ ରାଜଧାନୀ ଭୁବନେଶ୍ୱରକୁ ଡାକିଆଣି ସେମାନଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କଲେ, ସୁବିଧା ଅସୁବିଧା କଥା ବୁଝିଲେ ଏବଂ ଆଗାମୀ ଦିନଗୁଡ଼ିକରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକ ବିଷୟରେ ବୁଝାଇଲେ । ଏହା ଅତ୍ୟନ୍ତ ଆନନ୍ଦର କଥା । ଆମ ଅର୍ଥନୀତି ଏବଂ ସାମାଜିକ ବ୍ୟବସ୍ଥାର ମୂଳଭିତ୍ତି ସ୍ୱୀକୃତ ହେଲା, ସମ୍ମାନିତ ହେଲା ଏବଂ ଆମ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ପରିବେଶ ଓ ମନୋଭାବ ସୃଷ୍ଟି ହେଲା । ସେଠି ମଧ୍ୟ କଂଗ୍ରେସ ଦଳର ରାଜ୍ୟ ସଭାପତିଙ୍କୁ ଅନ୍ୟତମ ଅତିଥିଭାବରେ, ରାଜ୍ୟପାଳଙ୍କ ପାର୍ଶ୍ୱରେ ଦେଖିବାକୁ ମିଳିଲା । ଆମର ସବୁ ଚାଷୀ ଭାଇ ଯେ କଂଗ୍ରେସ ଦଳର, ଏକଥା ତ କହିହେବ ନାହିଁ ! ଏ ସମାବେଶରେ ମଧ୍ୟ କାହ୍ନୁବାବୁଙ୍କ ସହ ବିରୋଧୀ ଦଳର ଜଣେ ପ୍ରତିନିଧିଙ୍କୁ ଡାକିଥିଲେ ଅଧିକ ସୁନ୍ଦର ହୋଇଥାନ୍ତା । ଏ ସମ୍ପର୍କରେ ସରକାର ଏବଂ ସରକାରୀ ଦଳ ସଚେତନ ହେବା ଉଚିତ । କାରଣ, ଆଜି ଯାହା ଘଟିଯାଉଛି କାଲି ପାଇଁ ତାହା ଏକ ନଜିର ହେଇ ରହିଯାଉଛି । ଆଜିର ସରକାର ଗୁଡ଼ିକ ସେ ଯେଉଁ ଦଳର ହୁଅନ୍ତୁ ନା କାହିଁକି ଏପ୍ରକାର ଦୂରଦୃଷ୍ଟିର ଆଦୌ ପରିଚୟ ଦେଉନାହାନ୍ତି । ଯଦି ଅବା ସରକାର ଦଳୀୟ ସଭାପତିଙ୍କୁ ସରକାରୀ ଉତ୍ସବ ମାନଙ୍କରେ ସାମିଲ କରିବା ଅନିବାର୍ଯ୍ୟ ମନେ କରୁଛନ୍ତି, ତା'ହେଲେ ଏଥିପାଇଁ ଆମ ବିଚାରରେ ଗୋଟିଏ ସହଜ ଓ ସୁବିଧା ଉପାୟ ଅଛି । ରାଜ୍ୟ କଂଗ୍ରେସ ସଭାପତିଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ମନ୍ତ୍ରିମଣ୍ଡଳରେ ସାମିଲ କରିନେଲେ ଏପ୍ରକାର ସନ୍ଦେହ କିମ୍ବା ଅଭିଯୋଗର କୌଣସି ଅବକାଶ ରହନ୍ତା ନାହିଁ ।